


**ଭୁବନେଶ୍ୱର, ୨୦୨୫, ଜୁଲାଇ ୮**

# ଛାତ୍ର ଆତ୍ମବିଶ୍ୱାସ ବୃଦ୍ଧିର ଦାୟିତ୍ୱ ଶିକ୍ଷକ ଓ ପିତାମାତାଙ୍କର


ଉମାଶଙ୍କର ପ୍ରସାଦ

ବର୍ତମାନ ସମଗ୍ର ବିଶ୍ୱକୁ "କରୋନା" ମହାମାରୀ ଗ୍ରାସ କରିଛି । ଏଥିରୁ ମୁକ୍ତି ପାଇବା ପାଇଁ ଏକମାତ୍ର ଅମୋଘ ଅସ୍ତ୍ର ହେଉଛି ସାମାଜିକ ଦୂରତ୍ୱ ତଥା ସ୍ୱଚ୍ଛତା ଅବଲମ୍ବନ କରିବା । ସ୍ୱଚ୍ଛତା ଆପଣେଇବା କାର୍ଯ୍ୟକ୍ରମ କେଉଁ ଆବାହମାନକାଳରୁ ଆମର ସନାତନ ସଂସ୍କୃତିରେ ଅଛି, ମାତ୍ର ଆଜିର ଏକବିଂଶତମ ଯୁଗରେ ତାହା ଉପରେ ଆଧୁନିକତାର ସ୍ତର ବସିଯାଇଛି । ଏପରିକି ଆମେ ବଡ ବଡ ମଲ୍ ହୋଟେଲକୁ ଯାଇ ଖାଇସାରିବାପରେ ହାତ ନ ଧୋଇ ଟିସୁ ପେପରରେ ହାତ ପୋଛି ନିଜକୁ ସ୍ୱଚ୍ଛତା କରିଥାଉ । ଯାହା ସନାତନ ସଂସ୍କୃତିର ବିରୁଦ୍ଧାଚରଣ କରିଥାଏ । ମାତ୍ର ଆଜି ସବୁ ଏ ପ୍ରକାର ନୀତିହୀନ କାର୍ଯ୍ୟକଳାପ ଯୋଗୁ ପ୍ରକୃତି ସମଗ୍ର ମାନବ ସମାଜକୁ ଏକ ନୈତିକ ଶିକ୍ଷା ଦେବା ପାଇଁ 'କରୋନା' ଭଳି ଉଗ୍ର ମହାମାରୀର ସୃଷ୍ଟି କରିଛି । ଯେଉଁମାନେ ଖାଇକରି ଟିସୁ ପେପରରେ ହାତ ପୋଛୁଥିଲେ, ସେମାନେ ବର୍ତମାନ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରି ନିଜର ହାତକୁ ଜୀବାଣୁ ଶୂନ୍ୟ କରୁଛନ୍ତି । ମାତ୍ର ଏହି 'କରୋନା' ଲକ୍ଷ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ବାଧକ ସୃଷ୍ଟି କରିବା ସହ ପିଲାମାନଙ୍କ ଉପରେ ଏକ ପ୍ରକାର ପାଠ୍ୟସୂଚୀର ପୂରଣପାଇଁ ଅଧିକ ଚାପ ସୃଷ୍ଟି କରିଛି । କାରଣ ଦୀର୍ଘ ୪ମାସ ଧରି ରାଜ୍ୟ ତଥା ଦେଶର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବନ୍ଦ କରାଯାଇଛି । ଫଳରେ ପିଲାମାନଙ୍କର ପାଠ୍ୟକ୍ରମ ତଥା ପାଠପଢାର ଧାରାରେ ବ୍ୟାଘାତ ସୃଷ୍ଟି ହୋଇଛି । ଏହା ସତ୍ୟ ମାତ୍ର ବର୍ତମାନ ଶିକ୍ଷା ବିଭାଗ ବାଧ ହୋଇ ସିଲାବସ ଅର୍ଥାତ୍ ପାଠ୍ୟ ସୂଚୀକୁ ହ୍ରାସ କରିବା ସହ ଯେନତେନ ପ୍ରକାରେଣ ପାଠ୍ୟକ୍ରମକୁ ସାରିବା ପାଇଁ ଶିକ୍ଷକମାନଙ୍କୁ ଚାପ ପ୍ରୟୋଗ କରାଯାଉଛି, ମାତ୍ର ଏଥିରେ ପୂର୍ବରୁ ନିର୍ଦ୍ଧାରିତ କରାଯାଇଥିବା ପାଠ୍ୟସୂଚୀ ହ୍ରାସଫଳରେ ସେହି ବିଷୟଗୁଡିକରୁ ଛାତ୍ରଛାତ୍ରୀମାନେ ବଂଚିତ ରହିଗଲେ । ଗ୍ରାମାଚଂଳର ଅନେକ ଛାତ୍ରଛାତ୍ରୀ ଯେଉଁମାନେ କେବଳ ସ୍କୁଲ ଶିକ୍ଷା ଉପରେ ନିର୍ଭର କରୁଥିଲେ, ସେମାନଙ୍କର ଅପୂରଣୀୟ କ୍ଷତି ଘଟିଲା । ବର୍ତମାନ ସମୟରେ ମଧ୍ୟ ଆଗକୁ ୧୬ ମାସ ଧରି ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖାଯାଇ ଡଂଭ ଖସଭର ରୟଙ୍କମବ-ଶ୍ବସକ୍ଟଭ (ସଂଶୋଧିତ ନିୟନ୍ତ୍ରିତ) ଶିକ୍ଷା ପଦ୍ଧତି ମାଧ୍ୟମରେ ଶିକ୍ଷା ପ୍ରଣାଳୀ ଚାଲୁ ରହିଛି, ମାତ୍ର ଏହାର ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ଗ୍ରାମୀଣ ସ୍ତରରୁ ନେଇ ସହର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ବିକାଶଧାରାକୁ କେତେ ପ୍ରଭାବିତ କରିବ ତାହା ଅନୁମାନ କରିବା କାଠିକର ପାଠ । ବର୍ତମାନର ଏହି ପ୍ରତିଯୋଗୀତାପୂର୍ଣ୍ଣ ଶିକ୍ଷାକୁ କିପରି ଛାତ୍ରଛାତ୍ରୀମାନେ ତଥା ଶିକ୍ଷକମାନେ ପାଳନ କରୁଛନ୍ତି, ତାହା ଭବିଷ୍ୟତ କହିବ, ମାତ୍ର ଏହି ନୂତନ ଶିକ୍ଷା ପଦ୍ଧତିକୁ ଆପଣେଇବା ପାଇଁ ପରିବାରରେ ସମସ୍ତେ ପ୍ରାୟ ଏହି ଉସଶସସ୍ବବକ୍ଷ ଟଷ୍ବର ଅର୍ଥାତ୍ ଆଙ୍ଗୁଳି ବ୍ୟବହାର ଉପରେ ବିଶେଷ ଧ୍ୟାନ ଦେବେ । ସେମାନେ ନିଜର ପିଲାମାନଙ୍କୁ ମନରୁ ନିରାଶାଭାବକୁ ଦୂର କରିବା ସହ ଏହି ନୂତନ ଶିକ୍ଷା ପଦ୍ଧତିର ସକାରାତ୍ମକ ଗୁଣାବଳୀକୁ ପିଲାମନରେ ଅଙ୍କନ କରିବା ପାଇଁ ପ୍ରୟାସ ଜାରି ରଖିବା ଦରକାର । ପିଲାମାନେ ଏହି ଶିକ୍ଷାକୁ ଆପଣେଇବା ସହ ଏଥିରେ ଉତ୍ସାହିତ ହେବା ପାର୍ଇ ଏହି ବିଷୟରେ ପ୍ରବୀଣ ଶିକ୍ଷକମାନେ ବହୁଳଭାବରେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇବା ସହ ଏହାକୁ ପ୍ରସାର କରିବା ଦରକାର । ସହରରେ ରହୁଥିବା ବିତଶାଳୀ ପରିବାରର ପିଲାମାନଙ୍କର କୌଣସି ଅସୁବିଧା ନ ଥାଇ ସୁଦ୍ଧା ବମ୍ବେ ଭଳି ରାଜ୍ୟରେ ପିଲାମାନେ ଏହି ପାଠ୍ୟକ୍ରମକୁ ଡଂଭର ଚକ୍ଷବସ୍ବଲକ୍କସ୍କଙ୍କ କରିବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି ।

ଏହି ଶିକ୍ଷା ଯେତେ ସହଜବୋଲି ଅନେକ ଅନୁମାନ କରୁଥିବାବେଳେ ଏହା ଏତେଟା ସହଜ ନୁହେଁ । ଗ୍ରାମୀଣ ଛାତ୍ରଛାତ୍ରୀମାନେ ଆଜିବି ସରକାରଙ୍କ ହାତଟେକା ଖାଦ୍ୟ ଉପରେ ନିର୍ଭର କରୁଥିବା ବେଳେ ସେମାନେ କେଉଁଠୁ ପାଇବେ ଅନ୍‌ଲାଇନ୍ ଶିକ୍ଷାର ସରଞ୍ଜାମ ? ଯାହାକି ତାଙ୍କର ମାନସିକସ୍ତରରେ ନିରାଶଭାବର ଉଦ୍ରେକ ହେବ । ଫଳରେ ସେମାନଙ୍କର ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି ହେବ । କେବଳ ସେତିକି ନୁହେଁ । ଏହି ଶିକ୍ଷା ପଦ୍ଧତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ହ୍ରାସର ମଧ୍ୟ କାରଣ ହୋଇଥାଏ । ପ୍ରତ୍ୟେକ ପିଲା Maintain a proper posture and sit straight during the e-classes. As per the advice of eye specialists children to look away from screen every 20 minutes for 20 seconds beyond a distance of 20 feet and blink the eyes regularly to keep from moist and healthy. ଏହାର ଅନ୍ୟ ଏକ ଅସୁବିଧା ପରିଲକ୍ଷିତ ହୁଏ, ଯାହାହେଲା ସମସ୍ତ ପରିବାରରେ ଏହି ଶିକ୍ଷାର ମାଧ୍ୟମର ଉପକରଣର ଅଭାବ ଫଳରେ ଗ୍ରାମୀଣ ଛାତ୍ରଛାତ୍ରୀମାନେ ଏହାର ଅଭାବକୁ ଅନୁଭବ କରିବା ସହ ଏକ ପ୍ରକାର ମାନସିକ ସ୍ତରରେ ନୈରାଶ୍ୟଭାବର ଶୀକାର ହେଉଛନ୍ତି । ଯାହାକି ଭବିଷ୍ୟତରେ ସେମାନଙ୍କୁ "ଉଙ୍ଗସ୍ବକ୍ଷରଙ୍ଗସବ" ରୋଗର ଶୀକାର ନ ହେବାକୁ ପଡୁ । ତେଣୁ ପ୍ରତ୍ୟେକ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ମନରେ ନୈରାଶ୍ୟଭାବ ଦୂରକରିବା ସହ ଆତ୍ମ ବିଶ୍ୱାସର ଭାବ, ଜାଗ୍ରତ କରିବା ଦରକାର । ଅଭିଭାବକମାନେ ମଧ୍ୟ ଏ କ୍ଷେତ୍ରରେ ତଦନୁରୂପ ପ୍ରଚେଷ୍ଟା କରିବା ଦରକାର । ସରକାର ଆର୍ଥିକ ଅନଗ୍ରସର କ୍ଷେତ୍ରର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଓ ପାଠ୍ୟକ୍ରମର ସୂଚରୁରୂପେ ପାଳନ କ୍ଷେତ୍ରରେ ଧ୍ୟାନ ଦେଲେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ହସି ଉଠିବ ।

*ମୋ - ୬୩୭୦୬୭୫୫୬୨*

# ପିଲାଙ୍କ ଖରା ଛୁଟି : କିଛି ନୂଆ ଆଶା, କିଛି ନୂଆ ଭାବନା

**ଲୋକନାଥ ପଣ୍ଡା**

ଖରାଛଟି ସମୟରେ ଗ୍ରାମା*ଳର ଶିଶୁ ହୁଅନ୍ତୁ କିମ୍ବା ସହରା*ଳର ଶିଶୁ, ସେମାନେ ନିଜ ନିଜର ଖରାଛୁଟି କିପରି କଟେଇବେ, ସେଥିପ୍ରତି ବିଶେଷ ଆଗ୍ରହ ଦେଖାଇଥାଆନ୍ତି । ସହରା*ଳର ଶିଶୁ ହୁଏତ ବାହାରୁ ଭ୍ରମଣରେ ଯିବା ହେଉ, କିମ୍ବା ପାଠପଢ଼ା ହେଉ, କିମ୍ବା କୋଚିଂ ହେଉ, କିମ୍ବା ପଡ଼ିଆକୁ ଯାଇ ଖେଳ ଖେଳିବା, ପୁସ୍ତକ ଅଧ୍ୟୟନ ଇତ୍ୟାଦିକୁ ଗୁରୁତ୍ୱ ଦେଇଥାଆନ୍ତି ଏବଂ ଶିଶୁମାନଙ୍କର ଖରାଛୁଟି କିପରି କଟାଇବେ, ସେ ଯୋଜନାରେ ଅଭିଭାବକଙ୍କ ପ୍ରମୁଖ ଭୂମିକା ଥାଏ । ଗ୍ରାମା*ଳର ଓ ଯଦି ଆଦିବାସୀ ଅଂଚ୍ଳରେ ଦେଖିବା ସେମାନଙ୍କର ଖରାଛୁଟିରେ ସମୟ କାଟିବା ଅଲଗା ଥାଏ । କିଏ ଖରାଛୁଟିରେ କିଛି ରୋଜଗାର କରିବା ପାଇଁ କାମ କରନ୍ତି, ତ କିଏ ନିଜର ପିତାମାତାଙ୍କୁ କିମ୍ବା ଡଙ୍ଗରକୁ ଯାଇ ସାହାଯ୍ୟ କରନ୍ତି । କିଏ କିଏ ଜଙ୍ଗଲଜାତ ଦ୍ରବ୍ୟ, ଆଦି ସଂଗ୍ରହ ପ୍ରତି ଗୁରୁତ୍ୱ ଦେଇଥାଆନ୍ତି । କିଏ କିଏ ଗାଁ ଆଖାପାଖ ଅଂଚ୍ଳରେ ପରିଶ୍ରମ ପଡ଼ି ରୋଜଗାର କରନ୍ତି । ଏହିଭଳି ସମୟରେ ରାୟଗଡ଼ ଜିଲ୍ଲାର ବିଷୟକଟକ ବ୍ଲକର ଦଳେ ଯୁବ ସେଛାସେବୀ ଖରାଛୁଟିରେ , ଯେଉଁମାନେ କି ଗାଁ ଗାଁ ବୁଲି ଗ୍ରାମରେ ପଥପ୍ରାନ୍ତ ନାଟକ କରିଥିଲେ, ଅଧାରୁ ପାଠ ଛାଡୁଥିବା ଓ ବିଦ୍ୟାଳୟକୁ ନିୟମିତ ଯିବାକୁ ନେଇ ଥିବା ସମସ୍ୟାକୁ ହୃଦୟଙ୍ଗମ କରି ଏହାକୁ କିପରି ନିରାକରଣ କରାଯାଇପାରିବ, ସେ ନେଇ ସଚେତନତା ସୃଷ୍ଟି କରୁଥିଲେ । ନିଜର ଆଂଚ୍ଳିକ ଭାଷାକୁ ଓ ନିଜ ଅଂଚ୍ଳର ସ୍ଥିତିକୁ ଆଧାର କରି ପଥପ୍ରାନ୍ତ ନାଟକ ନିମନ୍ତେ ଯୁବଗୋଷ୍ଠୀ ସ୍କ୍ରିପିଟ୍ ଲେଖିଥିଲେ, ସେଥିରେ ପାଠପଢ଼ିଲେ କ'ଣ ଲାଭ ହେବ, ଶିକ୍ଷା ପାଇବା ପାଇଁ ସରକାର ତରଫରୁ କ'ଣ କ'ଣ ବ୍ୟବସ୍ଥା ଅଛି, ଶିକ୍ଷା ପାଇଲେ ଲାଭ କ'ଣ, ବିଦ୍ୟାଳୟରେ ବ□ମାନ ନିପୁଣ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଶିଶୁଙ୍କୁ ଆକର୍ଷିତ କରିବା ଭଳି ଶିକ୍ଷାଦାନ କରାଯାଉଛି, ଶିଶୁଙ୍କ ଭାଷା ଓ ସଂଜ୍ଞାଜ୍ଞାନ ଉନ୍ନତି କରିବା ପାଇଁ ସରକାରଙ୍କ ତରଫରୁ ତାହାକୁ ସୁନ୍ଦର ଭାବରେ ନାଟ୍ୟ ରୂପାନ୍ତର କରି ଗାଁ ଦାଣ୍ଡରେ ପ୍ରଦର୍ଶନ କରୁଥିଲେ । ନାଟକ ଆରମ୍ଭରେ ଦୁଇ ସଢୁ ନିଜର କାମଦାମ ସହିତ ବିଦ୍ୟାଳୟ ଶିକ୍ଷା ଦ୍ୱାରା କ'ଣ ଲାଭ ହୋଇପାରିବ, ସେ ସମ୍ପର୍କରେ କବିତା ଆକାରରେ ପ୍ରସଙ୍ଗକୁ ଉପସ୍ଥାପନା କରିବା ବେଳେ ନାଟକ ଶେଷରେ ମଧ୍ୟ ସଢୁର କଥା ରଖି କିପରି ନିଜର କନ୍ୟା ରତ୍ନକୁ ଶିକ୍ଷା ବ୍ୟବସ୍ଥା କରୁଛି, ଏହାର ସୁଫଳ କିପରି ନିଜର ନୈନ୍ଦିନ ଜୀବନରେ ନିଜ କନ୍ୟା ସନ୍ତାନର ବିଦ୍ୟାଳୟ ଶିକ୍ଷାରେ ଦ୍ୱାରା କ'ଣ କ'ଣ ସୁବିଧା ଓ ସୁଫଳ ମିଳୁଛି, ତାହାକୁ ନାଟକୀୟ ଢ଼ଙ୍ଗରେ ଉପସ୍ଥାପନା କରୁଥିଲେ ।

ପଥପ୍ରାନ୍ତ ନାଟକ ଆୟୋଜନ କରିବା ପୂର୍ବରୁ ଗାଁରେ ନାଟକ କରିବା ପୂର୍ବରୁ ପୂର୍ବପ୍ରସ୍ତୁତ ଭାବରେ ଗାଁ ଦାଣ୍ଡରେ ଶିକ୍ଷା ସଚେତନତା ପାଇଁ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧାକୁ ନେଇ ପ୍ଲାକାର୍ଡ଼ କାର୍ଡ଼ ମାଧ୍ୟମରେ ଗାଁରେ ଥିବା ଶିଶୁ ଓ ଗ୍ରାମବାସୀଙ୍କୁ ନେଇ ଶୋଭାଯାତ୍ରା ବା ରାଲିଟିଏ କରୁଥିଲେ । ପୂର୍ବ ଦିନ ନିଜ ଗ୍ରାମରେ ନାଟକ ହେବ ବୋଲି ସୂଚନା ଦେଉଥିଲେ । ଏଥିସହିତ ଯେଉଁଠି ପଥପ୍ରାନ୍ତ ନାଟକ ଆୟୋଜନ କରୁଥିଲେ, ସେଠାରେ ଏକ ଭ୍ରାମ୍ୟମାଣ ପାଠାଗାରଟିଏ ବ୍ୟବସ୍ଥା କରୁଥିଲେ, ଯେଉଁ ଶିଶୁ ଆସିବ, ବହିଟିଏ ନେଇ ଅନ୍ତତଃ ଓଲଟାଇବ, ପଢ଼ି ମଜ୍ଜା ନେବ । ପୁସ୍ତକଗୁଡ଼ିକ ମଧ୍ୟରେ ସମସ୍ତ ଥିଲା କାହାଣୀ ଏବଂ ସଚ୍ଚିତ୍ର ରଙ୍ଗିନ ପୁସ୍ତକ ଯାହାକି ଶିଶୁମାନଙ୍କୁ ବେଶ୍ ଆକର୍ଷଣ କରୁଥିଲା । ପଥପ୍ରାନ୍ତ ନାଟକ କରିବା ସମୟରେ ଗ୍ରାମର ମୁରବୀ ମାନଙ୍କୁ ମଧ୍ୟ ଡାକୁଥିଲେ, ସେମାନଙ୍କ ମତାମତ ନେଉଥିଲେ । ବିଷମକଟକ ବ୍ଲକର ଯେଉଁଠି ଡ୍ରପଆଉଟ ସମସ୍ୟା ହେବାର ସମ୍ଭାବନା ରହିଛି ବା ଯେଉଁଠି ଡ୍ରପଆଉଟ ସମସ୍ୟା ରହିଛି ସେହଭଳି ଗ୍ରାମରେ ଏହିଭଳି ପଥପ୍ରାନ୍ତ ନାଟକ ଆୟୋଜନ କରୁଥିଲେ , ସେହି ଗାଁଗୁଡ଼ିକ ମଧ୍ୟରେ ମୁନିଗୁଡ଼ା ବ୍ଲକର ସକଟା, ବିଷମକଟକ ବ୍ଲକର ଅପହଂଚ୍ ଅଂଚ୍ଳରେ ଆୟୋଜନ କରିଥିଲେ ଏବଂ ଗ୍ରାମବାସୀଙ୍କ ଠାରୁ ମଧ୍ୟ ଅନେକ ସାବାସୀ ପାଉଥିଲେ ଏହିଭଳି ଏକ କାର୍ଯ୍ୟକ୍ରମ ଗାଁ ଦାଣ୍ଡରେ ଉପସ୍ଥାପନା କରିବା ପାଇଁ । ଏହିଭଳି ପଥପ୍ରାନ୍ତ ନାଟକ କୁର୍ଲି, ଝିଗିଡ଼ି, କୁମାରବାଡ଼ି, ଝିଆରି, କଣାବାଇ, ଡାଲିଆକୁଞ୍ଜି, ହରଗୁଳି,କିରିବିରି ପରି ଗାଁ ଗୁଡ଼ିକରେ ନାଟକ ଆୟୋଜନ କରୁଥିଲେ ।

ଗାଁରେ ଏହି ସୁନ୍ଦର କବିତା ମାଧ୍ୟମରେ ଲୋକଙ୍କ ଶିକ୍ଷାକୁ ନେଇ ସଚେତନତା ଯାଗ୍ରତ କରୁଥିଲେ, ଏଠାରେ ନାଟକର କିଛି ପଦକୁ ଉପସ୍ଥାପନା କରିବା କରିହେବ ବୋଲି ଭାବୁଛି, ଟ ଏ ସଢୁ, ଏ ସଢୁଟ ତମର କଥା ଶୁଣି ମୋର ଝିଅକୁ ପଠାଇଲି ଇସ୍କୁଲ,
ଗୀତ, ନାଚ୍,ଖେଳ, ଶିଖିଲା ଯେ କେତେ,
ମିଶାଣ,ଫେଡ଼ାଣ, ହରଣ, ଗୁଣନ, ସବୁ ଏବେ ଜାଣିଗଲା,
ଗପ ବହି, ଖବରକାଗଜ ପଢ଼ି ମୋତେ ଶୁଣାଇଲା,
ବଜାର ଯାଇ ଜିନିଷ ପତର, ନିଜେ ବୁଝି ଆଣିଲା କିଣି,
ଏ ସଢୁ ନିଜେ ସବୁ ଜାଣିଗଲା ।
ଗ୍ରାମର ମହିଳାମାନେ, ଶିଶୁମାନେ ସୁନ୍ଦର ଭାବରେ ଏହାକୁ ଖୁସୀରେ ଦେଖୁଥିଲେ ।

ପଥପ୍ରାନ୍ତ ନାଟକ ସରିବା ପରେ ଗ୍ରାମରେ କିଏ କିଏ ନିୟମିତ ବିଦ୍ୟାଳୟ ଯାଉନାହାନ୍ତି, ଅଧାରୁ ପାଠ ଛାଡ଼ିଛନ୍ତି ତାହାକୁ ନେଇ ମଧ୍ୟ ଗାଁ ମଧ୍ୟରେ ଆଲୋଚ୍ନା କରୁଥିଲେ ଏବଂ ସେମାନଙ୍କ କାହିଁକି ଛାଡ଼ିଛନ୍ତି, ତାହାର କାରଣ ମଧ୍ୟ ସଂଗ୍ରହ କରୁଥିଲେ ଏବଂ ପରବର୍ତୀ ସ୍ଥାନୀୟ ଶିକ୍ଷକ / ସି.ଆର୍.ସି.ସି.ଙ୍କ ସହ ଏ ସମ୍ପର୍କରେ ଆଲୋଚ୍ନା କରିବା ପାଇଁ ତାଲିକା କରୁଥିଲେ ।

କେତେକ ସାମାଜିକ କର୍ମୀ ଶିଶୁମାନଙ୍କୁ ନେଇ ଅନୁଭୂତି ମୂଳକ ଆଲୋଚ୍ନା, ଲିଖନ ଆଦି କାର୍ଯ୍ୟକ୍ରମ କରୁଥିଲେ । ଖରାଛୁଟି କାର୍ଯ୍ୟକ୍ରମରେ କିଛି କିଛି ଗାଁରେ ଅନେକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ ହେଉଥିଲା । କିଏ ଗାଁ ଗାଁ ବୁଲି ଭ୍ରାମ୍ୟମାଣ ଲାଇବ୍ରେରୀ ଭାବରେ ଶିଶୁ ଉପଯୋଗୀ ଗପ ବହି ବୁଲି ପିଲାଙ୍କୁ ନେଇ ଗତିବିଧି କରୁଥିଲେ । ଏଥସହିତ ଶିଶୁଙ୍କ ସହିତ ଅନୁଭୂତିମୂଳକ ଆଲୋଚ୍ନା କରୁଥିଲେ । ଏହିଭଳି ଶିଶୁଙ୍କ ମଧ୍ୟରେ ଆଲୋଚ୍ନାକୁ ସ୍ଥାନୀୟ ସେଚ୍ଛାସେବୀ ଶିକ୍ଷକ ଆଲୋଚ୍ନାର ଖିଅକୁ ନେଇ ବଢ଼ାଉଥିଲେ । ମୂଳରେ ଥିରେ ୫ ବର୍ଷରୁ ୧୨ ରୁ ୧୩ ବର୍ଷ ବୟସର ଶିଶୁ । କିନ୍ତୁ ଅଧିକାଂଶ ଥିଲେ ୬ ରୁ ୯ ବର୍ଷର ଶିଶୁ ।

କିଏ ନିଜ ଅଂଚ୍ଳର ପ୍ରାକୃତିକ ସମ୍ବଳ ଯଥା ପଣସ, ମହୁଲ, ଆଦିକୁ ନେଇ ଆଲୋଚ୍ନା କରୁଥିଲା, ଏହାକୁ ନେଇ ରଚ୍ନା ଲେଖାଉଥିଲା । କିଏ ପିଲାଙ୍କୁ ଚ୍ତ୍ରି କରିବା ପାଇଁ ତଥା ନିଜର ଭାବନାକୁ ଚ୍ତ୍ରି ମାଧ୍ୟମରେ ଉପସ୍ଥାପନା କରିବା ପାଇଁ ଉତ୍ସାହିତ କରୁଥିଲେ । କିଏ ନିଜ ଭାଷା, ସଂସ୍କୃତି ସମ୍ପର୍କରେ ପିଲାଙ୍କୁ ଉତ୍ସାହିତ କରଥିଲେ । କିଏ ମଝିରେ ମଝିରେ ଗାଁରେ କେଉଁ ଭାଷାଭାଷୀ ଲୋକ ଅଛନ୍ତି, ତାହାକୁ ନେଇ ପିଲାମାନେ ସର୍ଭେ ? କରୁଥିଲେ । କିଏ କିଏ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ଶିଶୁମାନଙ୍କୁ ନେଇ ଗତିବିଧି କରୁଥିଲେ ।

ବେଳେ ବେଳେ ଏହି ଯୁବଗୋଷ୍ଠୀ ହାଟରେ ଏକ ଭ୍ରାମ୍ୟମାଣ ପାଠାଗାର ଖୋଲୁଥିଲେ ଲୋକଙ୍କ ମଧ୍ୟରେ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ । କେତେକ ଖରା ଦିନର ବଟଗଛ ତଳେ ହେଉ କିମ୍ବା ଗାଁ ମୁଣ୍ଡରେ ଥିବା ଚ୍ନ୍ଦିନୀରେ ଯାଇ କିଛି ସମୟ ନିମନ୍ତେ ଭ୍ରାମ୍ୟମାଣ ପାଠାଗାର ଟିଏ ଖୋଲିବା ସହିତ ପୁସ୍ତକ ପଠନ, କାହାଣୀ କହିବା, କିପରି ପୁସ୍ତକ ପଢ଼ାଯାଏ, ତାହାକୁ ନେଇ ପ୍ରଦର୍ଶନ କରୁଥିଲେ ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ଡ୍ରପଆଉଟ୍ ସମସ୍ୟାକୁ ନେଇ ସରକାରୀ ସ୍ତରରେ ଅନେକ ଚ୍ନ୍ତିାପ୍ରକଟ କରୁଛନ୍ତି । ଏହିଭଳି ଭଳି ପରିପ୍ରେକ୍ଷୀରେ ପିଲାଙ୍କୁ ନେଇ କିଛି କିଛି ସୃଜନାତ୍ମକ ଗତିବିଧି କରିବା ଦ୍ୱାରା ଶିଶୁଙ୍କ ମନରେ ଅନେକ କିଛି ଶିକ୍ଷାଦୀକ୍ଷା କ୍ଷେତ୍ରରେ ସକାରାତ୍ମକ ଭାବନା ପଢ଼ିବ । ଆବାସିକ ବିଦ୍ୟାଳୟରେ ପଢୁଥିବା ଶିଶୁମାନେ ଖରାଛୁଟିରେ ଶିଶୁମାନେ ନିଜ ନିଜ ଘରକୁ ଫେରନ୍ତି କିମ୍ବା ନିଜ ଘରେ ଅନେକ ସମୟ ଦେଇଥାଆନ୍ତି । ଏହି ଖରାଛୁଟି ସମୟରେ ସେମାନଙ୍କୁ ସୃଜନାତ୍ମକ ଗତିବିଧି ହେଉ, କିମ୍ବା ସେମାନଙ୍କ ନିଜ ଗ୍ରାମରେ ଥିବା ପ୍ରାକୃତିକ ସମ୍ବଳକୁ ଜାଣିବା, ଏହାକୁ ଭଲ ପାଇବା, ନିଜ ସଂସ୍କୃତିକୁ ଭଲ ପାଇବା, ନିଜ ଭାଷାକୁ ଭଲ ପାଇବା ସହିତ ନିଜର ସାମର୍ଥ୍ୟକୁ ବୁଝିବା, ନିଜ ମଧ୍ୟରେ କଳାକୁ ଆବିଷ୍କୃତ କରିବାକୁ ଚ୍ନ୍ତିା ଉର୍କେ କରିବ, ଏଥିରେ ଦ୍ୱିମତ ନାହିଁ ।

*୪ର୍ଥ ଗଳି, ରାଣୀଗୁଡ଼ା , ରାୟଗଡ଼ା*
*ଦୂରଭାଷ: ୯୪୩୮୦୮୧୪୩୦*

# ସାଧୁ ଯେ ମଳୟ ପବନ


ଶ୍ରୀହରିଗୁରବୈଷ୍ଣବଆଶ୍ରିତ ଅତୀଶ

ଶ୍ରୀଲ କୃଷ୍ଣଦାସ କବିରାଜ ଗୋସ୍ୱାମୀ ସ୍ୱରଚିତ ଶ୍ରୀଚୈତନ୍ୟ ଚରିତାମୃତରେ ବର୍ଣ୍ଣନା କରାଯାଇଛି ଠାକୁର ହରିଦାସଙ୍କ ଉପରେ - 'ହରିଦାସର ଗୁଣ ଗଣ ଅସଂଖ୍ୟ ଅପାର । କହେ କୋନ ଅଂଶ ବର୍ଣ୍ଣ ନେହି ପାୟ ପାର ।।' ଶ୍ରୀଲ ହରିଦାସ ଠାକୁରଙ୍କ ମହିମା ଅସଂଖ୍ୟ ଓ ଅପାର ତାହା କେହି ବର୍ଣ୍ଣନା କରିପାରିବେ ନାହିଁ ଅସଂଖ୍ୟ ଲୀଳା ମାନଙ୍କ ଭିତରୁ କିପରି ଏକ ବେଶ୍ୟାର ଉଦ୍ଧାର କରିଛନ୍ତି ତାହା ଶ୍ରୀଚୈତନ୍ୟ ଚରିତାମୃତରେ ରହିଛି । ହରିଦାସ ଠାକୁର ବେନାପୋଲ ଗ୍ରାମର ଶେଷ ମୁଣ୍ଡରେ ଏକ କୁଟୀର ନିର୍ମାଣ କରି କୁଟୀର ଆଗରେ ଏକ ତୁଳସୀ ଚଉରା ରଖି ତାଙ୍କ ପାଖରେ ପ୍ରତିଦିନ ୩ ଲକ୍ଷ ମହାମନ୍ତ୍ର ଜପ କରୁଥିଲେ । ସେହି ଗ୍ରାମର ଜମିଦାର ଥିଲେ ରାମଚନ୍ଦ୍ର ଖାଁ ସେ ସାଧୁ ବୈଷ୍ଣବ ମାନଙ୍କର ଘୋର ବିରୋଧୀ ଓ ଧର୍ମ ବିରୋଧୀ । ସେ ଦେଖିଲା ମୁଁ ଏହି ଗ୍ରାମର ଜମିଦାର ହୋଇ ମଧ୍ୟ ଲୋକମାନେ ମତେ ଶ୍ରଦ୍ଧା ସମ୍ମାନ ନକରି ସେ ଭିକାରୁ ସାଧୁ ହରିଦାସକୁ ଭକ୍ତି କରୁଛନ୍ତି । ମୁଁ ଯଦି ତାହାର ଚରିତ୍ର ଖରାପ କରିଦିଏ ଗ୍ରାମବାସୀମାନଙ୍କ ଆଗରେ ତାହେଲେ ସେମାନେ ମତେ ସମ୍ମାନ ଦେବେ । ସେ ଠାକୁର ହରିଦାସଙ୍କ ଦୋଷ ଖୋଜିବାକୁ ଲାଗିଲା ହେଲେ ସେ କୌଣସି ଦୋଷ ହରିଦାସଙ୍କ ପାଇଲା ନାହିଁ କ'ଣ କରିବ ଭାବି ଭାବି ଶେଷରେ ଚିନ୍ତାକଲା ଗୋଟିଏ ସୁନ୍ଦରୀ ବେଶ୍ୟାକୁ ହରିଦାସଙ୍କ ପାଖକୁ ପଠାଇ ତାଙ୍କ ଚରିତ୍ର ନଷ୍ଟ କରିବ ସୁନ୍ଦରୀ ମେନକାର ଘୁଁଘୁର ଶବ୍ଦରେ ତପସ୍ୱୀ ବିଶ୍ୱାମିତ୍ରଙ୍କ ହଜାର ବର୍ଷର ତପସ୍ୟା ନଷ୍ଟ ହୋଇଥିଲା ସେହି ପରି ଦୁଇ ଦିନର ବୈରାଗୀ ହରିଦାସର କଥା ବା କ'ଣ ? କାରଣ କାମି ପୁରୁଷ ନିଜ ଧନ ସମ୍ପତିକୁ ତୁଚ୍ଛ କରି ନାରୀ ସଙ୍ଗ କରିବାକୁ ଇଚ୍ଛାକରେ । ନାରୀର କଟାକ୍ଷ ବାଣରେ ଘାଇଲା ହୋଇ ଇନ୍ଦ୍ର ସମାନ ପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛକରି ନାରୀ ସଙ୍ଗ ପାଇବା ପାଇଁ ବ୍ୟାକୁଳିତ ହୁଏ । ଏହା ଭାବି ସବୁଠାରୁ ସୁନ୍ଦର ବେଶ୍ୟା ଲକ୍ଷେ ହୀରାକୁ ହରିଦାସ ଠାକୁରଙ୍କ ବୈରାଗୀ ଧର୍ମକୁ ନଷ୍ଟ କରିବାକୁ କହିଲା । ସେ ସୁନ୍ଦର ବେଶ୍ୟା ନିଜ ରୂପ ଯୌବନର ଗର୍ବରେ ଚୁର ହୋଇ କହିଲା ମୁଁ ତିନି ଦିନ ଭିତରେ ବୈରାଗୀ ଠାକୁର ହରିଦାସଙ୍କ ଚି□କୁ ହରଣ କରି ଭଜନରୁ ହଟାଇ ମୋର ଠାରେ ଆସକ୍ତ କରିଦେବି । ଏହା ଶୁଣି ରାମଚନ୍ଦ୍ର ଖାଁ କହିଲା ମୁଁ ତୁମ ସହିତ ମୋର ଗୋଟେ ଦୂତକୁ ପଠାଇ ଦେବି । ସେ ତୁମ ଦୁଇଜଣକୁ ଅସଂଯତ ଅବସ୍ଥାରେ ଧରି ମୋର ପାଖକୁ ନେଇ ଆସିବ । ଏହା ଶୁଣି ଲକ୍ଷେ ହୀରା କହିଲା - ମୁଁ ଗୋଟ ଦିନ ହରିଦାସକୁ ଭୋଗ କରିସାରେ ଦ୍ୱିତୀୟ ଦିନ ତୁମେ ଦୂତ ପଠାଇବ ରାମଚନ୍ଦ୍ର ଖାଁ ଏହି କଥା ଶୁଣି ସ୍ୱୀକୃତି ଦେଲା । ସେ ଦିନ ରାତିରେ ବେଶ୍ୟା ଲକ୍ଷେ ହୀରା ସୁନ୍ଦର ଢ଼ଙ୍ଗରେ ସଜବାଜ ଭାବ ବିଭୋର ହୋଇ ଶ୍ରୀଲ ହରିଦାସ ଠାକୁରଙ୍କ ଭଜନ କୁଟୀରରେ ଯାଇ ପହ*ଲା । ଏହି ସମୟରେ ଠାକୁର ହରିଦାସ ଆନନ୍ଦରେ ଭାବ ବିଭୋର ହୋଇ ଶ୍ରୀ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଜପ କରୁଥାନ୍ତି ଓ ଏହି ସମୟରେ ଲକ୍ଷେ ହୀରା ଦେଖିଲା କୁଟୀର ବାହାରେ ତୁଳସୀ ଚଉରା ରହିଛି ତାକୁ ସେ ପ୍ରଣାମ କଲା ଓ କୁଟୀର ଦ୍ୱାର ପାଖରେ ସେ ନାମଚର୍ଯ୍ୟ ଶ୍ରୀ ହରିଦାସଙ୍କୁ ପ୍ରଣାମ କଲା । ଶ୍ରୀନାମ ପ୍ରଭାବରୁ କିମ୍ବ ଅଭିନୟ ଦୃଷ୍ଟିରୁ ହୋଇପାରେ କିନ୍ତୁ ଶ୍ରୀ ତୁଳସୀ ଓ ବୈଷ୍ଣବ ପ୍ରବର ଶ୍ରୀଲ ହରିଦାସ ଠାକୁରଙ୍କୁ ପ୍ରଣାମ କରି ସଦା ପାପଚାର କରୁଥିବା ବେଶ୍ୟା ଭକ୍ତିର ଦୁଇ ଅଙ୍ଗକୁ ପାଳନ କରିଦେଲା । ଲକ୍ଷେ ହୀରା ଧୀରେ ଧୀରେ କୁଟୀର ଭିତରକୁ ଯାଇ ନିଜ ବସ୍ତ୍ର ଅଳ୍ପ ଖୋଲି ଅଙ୍ଗ ପ୍ରଦର୍ଶନ ପୂର୍ବକ କହିଲା ଠାକୁର ଆପଣ ବହୁତ ସୁନ୍ଦର ଆପଣଙ୍କୁ ଦେଖି କୋଉ ନାରୀ ସମ୍ଭାଳି ରହିପାରିବ ମୋର ବହୁତ ଇଛା ହେଉଛି ଆପଣଙ୍କ ଅଙ୍ଗ ସଙ୍ଗ କରିବା ପାଇଁ । ଏହା ଶୁଣି ଠାକୁର ହରିଦାସ କହିଲେ ମୁଁ ତୁମର କାମନା ଅବଶ୍ୟ ପୂର୍ଣ୍ଣ କରିବି କିନ୍ତୁ ମୋର ନିୟମିତ ନାମ ଜପ ସଂଖ୍ୟା ପୂର୍ଣ୍ଣ କରିସାରେ ତୁମେ ଏହିଠାରେ ବସି ନାମ ଶ୍ରବଣ କର ଏହା କହି ଠାକୁର ହରିଦାସ ନାମ ଜପ କଲେ । ଠାକୁର ହରିଦାସ ବେଶ୍ୟାର ଖରାପ ଅଭିଳାଷକୁ ଦୃଷ୍ଟି ନ ଦେଇ ତାକୁ କୃପା ପ୍ରଦାନ କଲେ ଭୁବନ ମଙ୍ଗଳକରି ଶ୍ରୀ ହରିନାମ ଶ୍ରବଣ କରାଇଲେ । ଠାକୁର ହରିଦାସଙ୍କ ଦୃଢ଼ ବିଶ୍ୱାସ ଥିଲା ହରିନାମ ଉପରେ ଯାହାକୁ ଶ୍ରବଣ କରିବା ଦ୍ୱାରା ଏହି କଳୁଷିତ ଚିନ୍ତା ରଖିଥିବା କାମିନୀ ନାରୀ ମନରୁ ସବୁ କାଳିମା ହଟିଯିବ ଓ ନିଜେ ମତେ ନାମତତ୍ୱ, ବିଷୟରେ ଜାଣିବା ପାଇଁ ଜିଜ୍ଞାସା କରିବ । ସେ ଦିନ ସାରା ରାତି ସୁନ୍ଦରୀ ହରିଦାସଙ୍କ ପାଖରେ ବସି ପବିତ୍ର ହରିନାମ ଶ୍ରବଣ କଲା ଶୁଦ୍ଧ ଭକ୍ତ ଠାରୁ ଏହିପରି ସକାଳ ହୋଇଗଲା ନାମ ଜପ ସରିଲା ନାହିଁ ସେ ରାତିରେ ଆସିବା କହି ଚାଲିଗଲା । ସକାଳେ ରାମଚନ୍ଦ୍ର ଖାଁ ସହିତ ଦେଖକରି କହିଲା ଠାକୁର ହରିଦାସ କଥା ଦେଇଛନ୍ତି ଆଜି ମୋର ଅଭିଳାଷ ପୂର୍ଣ୍ଣ କରିବେ । ସେ ଦିନ ରାତିରେ ପୁଣି ଥରେ ସେ ଆସିଲା ହରିଦାସ କହିଲେ ଟିକେ ବସ ମୁଁ ନାମଜପ କରିସାରେ ଲକ୍ଷେ ହୀରା ବସିଲା ଓ ଶ୍ରୀହରିନାମ ଶ୍ରବଣ କଲା ଏହିପରି ସେ ଦିନ ରାତି ମଧ୍ୟ ବିତିଗଲା ହେଲେ ନାମ ଜପ ହରିଦାସ ଠାକୁରଙ୍କ ସାରିଲା ନାହିଁ ବେଶ୍ୟା ଜିଦି କରି କହିଲା ମୋର ଇଛା ତାହାଲେ ଆପଣ ପୂର୍ଣ୍ଣ କରିବେ ନାହିଁ ଠାକୁର କହିଲେ ଆଜି ହିଁ ତାହା ପୂର୍ଣ୍ଣ ହେବ ତୁମେ ରାତିରେ ଆସ । ଧନ୍ୟ ହରିଦାସ ଯେ ତାଙ୍କର ପତନ ପାଇଁ ଆସିଲା ତାର କଲ୍ୟାଣ ପାଇଁ ଏତେ ଚେଷ୍ଟା ଶ୍ରୀ ଠାକୁର ହରିଦାସଙ୍କ ମୁଖରୁ ଶ୍ରୀହରିନାମ ଶ୍ରବଣ ତୁଳସୀଙ୍କୁ ପ୍ରଣାମ ବୈଷ୍ଣବ ପ୍ରଣାମ ସହିତ ବୈଷ୍ଣବର ଭଜନ କୁଟୀରକୁ ଆସିବା ଓ ସେଠାରେ କିଛି ସମୟ ବସିବା ଯୋଗୁଁ ସେ ହରିନାମର ମଦିରା ସେ ବେଶ୍ୟା ଲକ୍ଷେ ହୀରା ଉପରେ ଚଢ଼ିଗଲା ସେ ଦିନ ରାତିରେ ଆସି ନିଦରେ ଘୁମାଇ ଘୁମାଇ ମହାମନ୍ତ୍ର ଜପ କରିବାକୁ ଲାଗିଲା । ହଠାତ୍ ସେ ଚମକି ଉଠିଲା ଏ କ'ଣ ମୁଁ କରୁଛି ମୋର ପାଟିରୁ ଏହି ଦିବ୍ୟ ନାମ କିପରି ପଶୁଛି ମୋର ମନରୁ କାମ ରୂପୀ ପାପ ଚିନ୍ତା ଚାଲି ଯାଉଛି ମୋର ସହିତ କ'ଣ ହେଉଛି ମୋ ପରି ପାପୀ ଚଣ୍ଡାଳୁଣୀକୁ ଦୟା କଲେ ଏହି ମହାପୁରୁଷ ଯାହାର ଚରିତ୍ର ମୁଁ ନଷ୍ଟ କରିବାକୁ ଆସିଥିଲି ହେଲା ସେ ମୋର ଏହି ଖରାପ ଚରିତ୍ରକୁ ଶୋଧନ କରିଦେଲେ ଏହା କହି ଠାକୁର ହରିଦାସଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲା ଲକ୍ଷେ ହୀରା ମୋର ଉଦ୍ଧାର କର ଠାକୁର ।

ତାର ଏହି ଅବସ୍ଥା ଦେଖି ଦୟା ହେଲା ହରିଦାସଙ୍କର କହିଲେ ମୁଁ ତୁମକୁ ସ୍ୱୀକାର କରିସାରିଛି ମୁଁ ଆଗରୁ ଜାଣିଥିଲି ରାମଚନ୍ଦ୍ର ଖାଁ ଏହି ଷଡ଼ଯନ୍ତ୍ର କଥା କିନ୍ତୁ ତୁମକୁ ଉଦ୍ଧାର କରିବା ପାଇଁ ମୁଁ ଏଠାରେ ରହିଥିଲି ତୁମେ ପାପ କର୍ମରେ ରୋଜଗାର କରିଥିବା ଧନକୁ ବ୍ରାହ୍ମଣ ମାନଙ୍କୁ ଦାନ ଦେଇ ଲଣ୍ଡିତ ମସ୍ତକ ହୋଇ ଧଳା ଲଉଗା ପିନ୍ଧି ଏହି କୁଟୀରରେ ଆସିରୁହ ସବୁଦିନ ତୁଳସୀ ମହାରାନୀକୁ ସେବା କରିବ ଭିକ୍ଷା କରି ଭୋଜନ କରିବ ଓ ସବୁଦିନ ଏକ ଲକ୍ଷ ହରିନାମ ଜପ କରିବ ଏହା କହି ଠାକୁର ହରିଦାସ ନାମ କୀ□ନକରି ସେଠାରୁ ଅନ୍ୟତ୍ର ଚାଲିଗଲେ । ଯେଉଁ ବେଶ୍ୟାକୁ ଦେଖିଲେ ଲୋକ ସାଧୁ ବ୍ରାହ୍ମଣ ଛି ଛି କରୁଥିଲେ ଶୁଦ୍ଧ ଭକ୍ତର ସଙ୍ଗ ପାଇ ସେ ଶୁଦ୍ଧ ହୋଇଗଲା । ପରବ□ୀ କାଳରେ ଅନେକ ଭଗବାନ ଭକ୍ତ ସାଧୁ ଓ ସନ୍ଥ ତାଙ୍କ ସତସଙ୍ଗ ପାଇଁ ତାଙ୍କ ପାଖକୁ ଆସିଲେ ଧନ୍ୟ ଶ୍ରୀହରିନାମ ଧନ୍ୟ ଠାକୁର ହରିଦାସ ଯାହାଙ୍କ କୃପାରୁ ବେଶ୍ୟା ଭଳି ବୃ□ କରୁଥିବା ନାରୀ ପରମ ଭାଗବତ ହୋଇଗଲା ଯାହାକୁ ସଭିଏଁ ହୀରା ବାଇ ବୋଲି ଭକ୍ତି ଶ୍ରଦ୍ଧାରେ ଡାକିବାକୁ ଲାଗିଲେ ଯେପରି ମଳୟ ପବନ ବହିଲେ ଲିମ୍ବଗଛ ଦିବ୍ୟ ଚନ୍ଦନ ବୃକ୍ଷରେ ପରିଣତ ହୁଏ ସେହିପରି ସାଧୁସଙ୍ଗ ରୂପୀ ମଳୟ ଲାଗି ବେଶ୍ୟା ରୂପୀ ତିକ୍ତ ସୁଗନ୍ଧ ବିହୀନ ଲିମ୍ବ ଦେହରୂପୀ ଓଲଟ ବୃକ୍ଷ ସାଧୁ ରୂପୀ ମଳୟ ପବନ ସ୍ପର୍ଶରେ ଶୀତଳ ମଳୟଗିରି ଚନ୍ଦନ ହୋଇଗଲା ସେଥିପାଇଁ ଶ୍ରୀମଦ ଭାଗବତ କହିଲେ ସାଧୁ ସଙ୍ଗତେ ସଙ୍ଗ ଯାର, ପବିତ୍ର ହୁଏ ତା ଶରୀର । ନିତାଇ ଗୌର ହରିବୋଲ ।

*ଦୂରଭାଷ : ୬୩୭୧୫୮୦୫୨୪*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Tuesday July 08 | ଭୁବନେଶ୍ୱର ମଙ୍ଗଳବାର, ୦୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ବନଖଣ୍ଡ ସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ
## 'ମାଆଙ୍କ ନାମରେ ଗଛଟିଏ'ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାୟଗଡ,(ପି.ଏନ): ରାୟଗଡ ବନଖଣ୍ଡ ଅନ୍ତର୍ଗତ ରାୟଗଡ ବନାଞ୍ଚଳର ବାରିଝୋଲା ଗ୍ରାମ ନିକଟସ୍ଥ ନୂତନ ହନୁମାନ ମନ୍ଦିର ପାହାଡରେ ବନଖଣ୍ଡ ସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ - ୨୦୨୫ ପାଳନ ହୋଇଯାଇଅଛି । ଏହି କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଅପ୍ପଲ ସ୍ୱାମୀ କାଡ୍ରାକା , ମାନ୍ୟବର ବିଧାୟକ , ରାୟଗଡ ଯୋଗଦାନ କରି ଗଛଟିଏ ମାଆଙ୍କ ନାମରେ ରୋପଣ କାର୍ଯକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯକ୍ରମରେ ଅନ୍ୟାନ୍ୟ ଅତିଥି ଭାବେରେ ସୁଶ୍ରୀ ସରସ୍ୱତୀ ମାଝୀ,ସଭାପତି, ଜିଲ୍ଲା ପରିଷଦ , ରାୟଗଡ,ଶ୍ରୀମତୀ ପାରୁଲ ପଟୱାରୀ, ଜିଲ୍ଲାପାଳ, ରାୟଗଡ,କୁମାରୀ ସ୍ୱାତୀ ଏସ କୁମାର ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ରାୟଗଡ , ରାୟଗଡ ବନଖଣ୍ଡ ଅଧିକାରୀ ଶ୍ରୀ ସଚିନ ଆନ୍ନା ସାହେବ ଓହୋଲ ,ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ , ରାୟଗଡ , ଶ୍ରୀ ସୁଜିତ କୁମାର ମିଶ୍ର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ, ଶ୍ରୀ କାମନା ବିଡିକା , ସରପଞ୍ଚ , ହାଲୁୱ୍ୱା । , ରାୟଗଡ ଉପ-ବନ ସଂରକ୍ଷକ ଶ୍ରୀ ଅଶୋକ କୁମାର ପ୍ରଧାନ , ରାୟଗଡ଼ ଉପ-ବନ ସଂରକ୍ଷକ ଶ୍ରୀ ସତିଶ କୁମାର ଧାରୁଆ, ସାଇ ରାମ କମିଟି ର ସଦସ୍ୟ, ନୂତନ ହନୁମାନ ମନ୍ଦିର କମିଟି ର ସଦସ୍ୟ, ଶ୍ରୀ ଅରବିନ୍ଦ ବିଦ୍ୟାଳୟ ଓ ।ରିଝୋଲା ପ୍ରାଥମିକ ବିଦ୍ୟାଳୟ ର ଛାତ୍ର , ଛାତ୍ରୀ , ଶିକ୍ଷକ ଓ ଶିକ୍ଷୟତ୍ରୀ, ଏନ ସି ସି କେଡର , ରାୟଗଡ ଉପସ୍ଥିତ ରହି ମାଆ ଙ୍କ ନାମରେ ଗଛ ଟିଏ ଉଦ୍ଧ ?ଶ୍ୟ ରେ ବୃକ୍ଷ ରୋପଣ କାର୍ଯକ୍ରମ ରେ ପ୍ରତ୍ୟେକ ଗୋଟିଏ ଗୋଟିଏ ବିଭିନ୍ନ ରକମ ର ଚାରା ରୋପଣ କରିଥିଲେ । ରାୟଗଡ ବନାଞ୍ଚଳ ର ସମସ୍ତ ବନକର୍ମଚାରୀ ଏହି କାର୍ଯକ୍ରମ ରେ ଉପସ୍ଥିତ ଥିଲେ । ରାୟଗଡ ବନାଞ୍ଚଳ ଅଧିକାରୀ ଶ୍ରୀ କମେଶ୍ୱର ଆଚାରୀଙ୍କ ତତ୍ତ୍ୱବଧାନରେ ଏହି କାର୍ଯକ୍ରମଟି ସୁପରିଚାଳିତ ।

## ୭୬ତମ ବନମହୋତ୍ସବ ଉପଲକ୍ଷେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ- ୨୦୨୫ ଉଦଯାପିତ



ବାଲିଅନ୍ତା,(ପି.ଏନ): ସମ୍ବାଦ ସାହିତ୍ୟ ଘର, କାଞ୍ଚନ ଫାଉଣ୍ଡେସନ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ବନ ମହୋତ୍ସବ ସପ୍ତାହ ଆଜି ଉଦ ?ଯାପିତ ହୋଇଯାଇଛି । ଏନେଇ ଆଜି ବାଳକାଟି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା ଓ ଏନେଇ ଆୟୋଜିତ ସଭାରେ କାଞ୍ଚନ ଫାଉଣ୍ଡେସନ ଅଧକ୍ଷ ରଞ୍ଜନ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ଅନୁଷ୍ଠାନ ପକ୍ଷରୁ ସମାଜସେବୀ ଚକ୍ରଧର ନାୟକ, ସୁବ୍ରତ ମହାନ୍ତି, ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ ସିଦ୍ଧ ?ଶ୍ୱର ମହାନ୍ତି, ଅଳକା ମିଶ୍ର ଓ ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତିଙ୍କୁ ଜୟଦେବ ପରିବେଶବିତ ସମ୍ମାନ ପ୍ରଦାନ କରାଯାଇଛି । ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି, ବିଶିଷ୍ଟ ହୋମିଓପାଥିକ ପକ୍ଷାଘାତ ଚିକିତ୍ସକ ଡାକ୍ତର ନେତ୍ରାନନ୍ଦ ଭୋଇ, ପ୍ରଧାନ ଶିକ୍ଷକ ନାରାୟଣ ବେହେରା, କାହ୍ନୁଦାଶ, ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାଶ, ଯୁବନେତା ପ୍ରଦୀପ୍ତ କୁମାର ମହାନ୍ତି, ନିର୍ମାଣ ଏଜୁକେସନାଲ ଟ୍ରଷ୍ଟର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ଟେମ୍ପୁଲସିଡି ଇନର ହିଲ ସଭାନେତ୍ରୀ ପିଙ୍କି ମହାନ୍ତି, ଅଳକା ମିଶ୍ର, କ୍ୟାପଟେନ ସୁଭାଷ ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସଂକ୍ରାନ୍ତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଶୁଭଶ୍ରୀ ଲେଙ୍କା, ବିନୋଦ କୁମାର ସାହୁ, କୃଷ୍ଣପ୍ରିୟା ମାହାରି, ଦିପ୍ତିମୟୀ ପଣ୍ଡା,ଦିପ୍ତିମୟୀ ପୃଷ୍ଟି, ତପସ୍ୱିନୀ ଜେନା, ଡଲି ମଞ୍ଜରୀ ବରିହା, ଧରିତ୍ରୀ ସାହୁ, ଶକ୍ଲକଳା ରାଉତ, ସାଗରିକା ମିଶ୍ର, ରତିବାଳା ନାୟକ, ସୌଦାମିନୀ ଖଟୁଆ,ହୃଷିକେଶ ସାହୁ, ମଞ୍ଜୁଶ୍ରୀ ଦାସ,ଅଶୋଜ ଭୋଇ, ସତ୍ୟଭାମା ଦାସ, ଗୀତା ସାହୁ, ପ୍ରଭା ସାହୁ, ରଶ୍ମିତା ସାହୁ, ଓ ମିନତୀ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଗ୍ରୀନ ଜୟଦେବ ଫାଉଣ୍ଡେସନ ମୁଖ୍ୟ ଟ୍ରଷ୍ଟି ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ ।

## ଖାଡୁରା ସମାଜ ମିଳନ ଉତ୍ସବ ସହ ନୂଆଁଖାଇ ଭେଟ ଘାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ସମ୍ବଲପୁର ନାରୀ ସେବା ସଦନ ନିକଟସ୍ଥ ସାମ୍ବାଦିକ ଭବନ ଠାରେ ମା ମାହେଶ୍ୱରୀ ସେନା ଆନୁକୁଲ୍ୟରେ ଖଡୁରା ସମାଜର ଅନେକ ପରିବାର ମଧ୍ୟରେ ରହିଥିବା ମନ ମନାନ୍ତର ସମାଧାନ ଉଦ୍ଦେଶ୍ୟରେ ଶ୍ରୀ ସନତ ସାହୁଙ୍କ ଅଧକ୍ଷତାରେ ଏକ ମିଳନ ଉତ୍ସବ ଆୟୋଜିତ ହୋଇ ଥିଲା ।ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ଶ୍ରୀ ଗୋପୀନାଥ ସାହୁ ସମ୍ମାନିତ ଅତିଥି ଭାବରେ ଶ୍ରୀ ବିଭୁ ଦତ୍ତ ସାହୁ ତଥା ନିଖିଳ ଉତ୍କଳ ଖଡୁରା ସମାଜ ଅନୁଗୁଳ ରୁ ପୀତବାସ ସାହୁ ଉପସ୍ଥିତ ରହିଥିବା ବେଳେ ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଶ୍ରୀ ସରୋଜ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ଗିରିଶ ନାୟକ, ପଦ୍ମନାଭ ସାହୁ, ବାଇଧର ସାହୁ,ଦିପୁନ ସାହୁ, ଅକ୍ଷୟ ସାହୁ,ଆଲୋକ ଚନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ, ଯୋଗ ଦେଇ ଥିଲେ ।ଏହି କାର୍ଯକ୍ରମ କୁ ବୃନ୍ଦାବନ ସାହୁ, ସଙ୍କୀର୍ତ୍ତନ ସାହୁ, କରନ ସାହୁ ଭଗବାନ ଦାସ, ନରସିଂହ ଦାସ, ବିର ସାହୁ, ଗୋକୁଳ ପାତ୍ର, ନାରାୟଣ ପାତ୍ର,ପ୍ରକାଶ ପାତ୍ର ପ୍ରଭୃତି ସମ୍ବଲପୁର କର୍ମ କର୍ତ୍ତା ମାନେ ସୁଚାରୁ ରୂପେ ସଭା କାର୍ଯ କୁ ସମ୍ପାଦନ ରେ ସହଯୋଗ କରିଥିଲେ ।ଏହି ଉତ୍ସବରେ ପଚାଶ ଘର ଖଡୁରା ସମାଜ ର ବିଚାର ଧର୍ମ ପତ୍ରିକା ହେସ୍କାନୀ ର ଚଳିତ ବର୍ଷ ର ନୂଆଖାଇ ବିଶେଷଙ୍କ ର ମଲାଟ ଲୋକାର୍ପଣ କରା ହୋଇଥିଲା । ଏହି କାର୍ଯକ୍ରମ ରେ ଚଳିତ ବର୍ଷ ନୂଆଁଖଇ ଭେଟ ଘାଟ ସେପ୍ଟେମ୍ବର ୭ ତାରିଖ ରବିବାର ଦିନ ପାଳନ କରିବା ପାଇଁ ପୂର୍ବ ପ୍ରସ୍ତୁତି ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ସମାଜରେ ଭରି ରହିଥିବା କୁସଂସ୍କାର ର ମୂଳୋତ୍ପାଟନ,ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ବିଷୟ ରେ ଆଲୋଚନ ହୋଇଥିଲା ଶେଷରେ ଗୋକୁଳା ନନ୍ଦ ପାତ୍ର ଧନ୍ୟ ବାଦ ଅର୍ପଣ କରିଥିଲେ ।

## ଗୋଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ସପ୍ତାହ ପାଳନ ସହ ବୃକ୍ଷରୋପଣ



ଗୋଲାମୁଣ୍ଡା,(ପି.ଏନ): ବୃକ୍ଷ ହିଁ ଜୀବନ । ବୃକ୍ଷ ଟିଏ ମଣିଷ ତଥା ସମାଜ ପାଇଁ ଅନେକ କିଛି ଉପକାର କରେ । ଯିଏ ବି ପାଠ ପଢିଛି ସେ ଜାଣିଛି ଚତୁର୍ଥଶ୍ରେଣୀ ଠାରୁଆରମ୍ଭ କରି ଦଶମ ଶ୍ରେଣୀ ଯାଏଁ ପାଠ ପଢି ବୃକ୍ଷ ର ମହିମା ତଥା ଶ୍ରୀ ମଦ୍ ଭାଗବତରେ ବୃକ୍ଷ ର ମହିମା କଥା ଜାଣିଛନ୍ତି । ସେଥିପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଗକୁ ନିଆ ଯାଉଛି । ବୃକ୍ଷ ହେଉଛି ମଣିଷ ତଥା ପ୍ରାଣୀ ଜଗତର ପ୍ରକୃତ ବନ୍ଧୁ ।ସେଥିପାଇଁ ସରକାରଙ୍କ ପକ୍ଷରୁ ମାଁ ପାଇଁ ଗଛଟିଏ ଉଦ୍ଦେଶ୍ୟ ରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଥିବା ବେଳେ ଗୋଲାମୁଣ୍ଡା ଥାନା, ପ୍ରାଣୀ ଚିକିତ୍ସାଳୟ ଓ ନୋଡାଲ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି, ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଇଓ ରାଜେଶ ନାୟକ, ବନପାଳ ରମେଶ ବାଗ, ବରିଷ୍ଠ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ରାଜେଶ ବିଶି, ଏବଂ ବନ ବିଭାଗ କର୍ମଚାରୀ, ସମସ୍ତ ସ୍କୁଲ ଶିକ୍ଷକ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତି ରେ ବୃକ୍ଷ ରୋପଣ କରାଯାଇଥିବା ବେଳେ ଥାନା ପରିସରରେ ଆଇଆଇସି ଜ୍ୟୋତି ପ୍ରକାଶ ତାଣ୍ଡି, ଏସଆଇ ରାଜେଶ କୁମାର ପରିଡ଼ା, ସମାଜସେବୀ ପ୍ରସନ୍ନ କୁମାର ରାଉତ, ବନପାଳ ରମେଶ ବାଗ, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ବ୍ଲକ ଭେଟନାରୀ ଅଫିସର ଡକ୍ଟର ଜିତେନ୍ଦ୍ର ନାରାୟଣ ମହାରଣା, ଭିଏ ଏସ ଡ଼.ନେତ୍ର ପ୍ରକାଶ ଭାରତୀ,ମାନସ ରଞ୍ଜନ ତାଣ୍ଡି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବୃକ୍ଷର ଆବଶ୍ୟକତା ତଥା ଜଳବାୟୁ ପରିବର୍ତ୍ତନ ,ମୃତ୍ତିକା ସଂରକ୍ଷଣ ,ପ୍ରାକୃତିକ ଦୁର୍ବିପାକ, ସୁସ୍ଥ ଓ ସ୍ୱଚ୍ଛ ପରିବେଶ, ବିଷୟରେ ବୁଝେଇ ବୃକ୍ଷ ରୋପଣ କରିଥିଲେ ।

## ଟାଫେ ଓ ଏଜିସିଓ ସହବନ୍ଧିତ

ଭୁବନେଶ୍ୱର,(ପି.ଏନ): ବିଶ୍ୱର ଅନ୍ୟତମ ସର୍ବବୃହତ ଟ୍ରାକ୍ଟର ଓ କୃଷି ଉପକରଣ ନିର୍ମାତା ଟାଫେ ପକ୍ଷରୁ କମ୍ପାନୀ ବ୍ରାଣ୍ଡ, ବାଣିଜ୍ୟିକ ସମସ୍ୟା ଓ ସେୟାରହୋଲ୍ଡିଙ୍ଗ ସମ୍ବନ୍ଧିତ ସମସ୍ତ ପ୍ରସଙ୍ଗରେ ଏଜିସିଓ ସହ ଏକ ବିସ୍ତୃତ ସମାଧାନରେ ପହଂଚିଛି । ଏହି ସେଟେଲମେଂଟ ଅନୁଯାୟୀ, ମାସି ଫର୍‌ଗୁସନ ବ୍ରାଣ୍ଡର ମାଲିକାନା ଭାରତ, ନେପାଳ ଓ ଭୁଟାନ ପାଇଁ ଏକମାତ୍ର ଓ ସ୍ୱତନ୍ତ୍ର ମାଲିକ ଭାବେ ଟାଫେ ନିକଟରେ ରହିବ ଯେଉଁଥିରେ ମାସି ଫର୍ଗୁସନରେ ସମସ୍ତ ଅଧିକାର, ଟାଇଟଲ ଓ ସ୍ୱାର୍ଥ ଏବଂ ସମ୍ବନ୍ଧିତ ଟ୍ରେଡ୍‌ମାର୍କ ଓ ଏହାସହ ଜଡିତ ସମସ୍ତ ସଭାବନା ସାମିଲ ରହିବ । ଟାଫେରେ ଥିବା ଏଜିସିଓର ସେୟାରଗୁଡିକୁ କମ୍ପାନୀ ୨୬୦ ମିଲିୟନ ଡଲାରରେ କ୍ରୟ କରିବ ଯାହାର ମୂଲ୍ୟ ଟାଫେର ଇକ୍ୱିଟର ୨୦.୭% ହେବ । ଏହା ଟାଫେକୁ ଚେନ୍ନାଇରେ ମୁଖ୍ୟାଳୟ ଥିବା ଏକ ବହୁମୁଖୀ ଶିଳ୍ପ ସଂସ୍ଥା ଆମାଲଗମେଶନ୍ସ ଗ୍ରୁପର ଏକ ସମ୍ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀରେ ପରିଣତ କରିବ । ଏହି ସେଟେଲମେଂଟ ମୁତାବକ, ଟାଫେ ୧୬.୩%ର ଏକ ମାଲିକାନା ସ୍ତରରେ ଏଜିସିଓରେ ନିଜର ସେୟାରହୋଲ୍ଡିଂ ବଜାୟ ରଖିବ ଏବଂ କିଛି ବ୍ୟତିକ୍ରମ ସ୍ଥିତିରେ ନିଜର ସମାନୁପାତିକ ମାଲିକାନା ବଜାୟ ରଖିବା ପାଇଁ ଏଜିସିଓର ଭବିଷ୍ୟତର ବାୟବ୍ୟାକ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବ । ଟାଫେ ଅଂଶଧାରକଙ୍କ ବୈଠକରେ ଏଜିସିଓର ବୋର୍ଡ ଡାଇରେକ୍ଟରମାନଙ୍କ ସମସ୍ତ ସୁପାରିଶ ସପକ୍ଷରେ ଏହାର ଅଂଶଧନଗୁଡିକୁ ଚୟନ କରି ଏଜିସିଓକୁ ସମର୍ଥନ କରିବ । ଟାଫେ ଏଜିସିଓ ନେତୃତ୍ୱ ସହିତ ଯୋଜନାବଦ୍ଧ ଆଲୋଚନା ମାଧ୍ୟମରେ ଏଜିସିଓରେ ଦୀର୍ଘାବଧି ନିବେଶକ ଭାବେ ଜାରି ରହିବ । ଟାଫେ ଓ ଏଜିସିଓ ମଧ୍ୟରେ ସମସ୍ତ ବ୍ୟବସାୟିକ ଚୁକ୍ତି ଦ୍ୱିପାକ୍ଷିକ ସହମତିରେ ସହମତ ହେବା ପରେ ଟାଫେ ବଳକା ସପ୍ଲାଇ ଅର୍ଡରକୁ ସମ୍ମାନ ଦେବ ଏବଂ ସହମତ ହୋଇଥିବା ସର୍ତରେ ସମସ୍ତ ବଜାର ପାଇଁ ପାର୍ଟସର ଯୋଗାଣ ଜାରି ରଖିବ । ସମସ୍ତ ଜାରି ରହିଥିବା ଆଇନଗତ ପ୍ରକ୍ରିୟାକୁ ବିନା ସର୍ତରେ ପ୍ରତ୍ୟାହାର କରାଯିବ । ବର୍ତମାନ ଭାରତର ମାଡ୍ରାସ ହାଇକୋର୍ଟରେ ବିଚାରାଧୀନ ଥିବା ମାସି ଫର୍ଗୁସନ ବ୍ରାଣ୍ଡ ସମ୍ବନ୍ଧିତ ୩ଟି ମାମଲାରେ ସହମତିରେ ଏକ ଆଇନଗତ ଆଦେଶ ଲୋଡାଯିବ । ଉଭୟ କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିଗୁଡିକ ଭାରତରେ ଏଜିସିଓ ଓ ଟାଫେର କିଛି ନିର୍ଦ୍ଦିଷ୍ଟ ସରକାରୀ ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ପ୍ରଭାବୀ ହେବ । ଏହି ପ୍ରକ୍ରିୟାଗୁଡିକ ଟାଫେରେ ଏଜିସିଓ ଧାରଣ କରିଥିବା ଅଂଶଧନଗୁଡିକର ପୁନଃକ୍ରୟ ସହ ଜଡିତ ରହିଛି । ଏସମ୍ପର୍କରେ ଟାଫେର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମଲ୍ଲିକା ଶ୍ରୀନିବାସନ କହିଛନ୍ତି, "ଆମେ ଟାଫେର ଅଭିବୃଦ୍ଧି କାହାଣୀର ଏକ ନୂତନ ଯୁଗରେ ପ୍ରବେଶ କରିଥିବାରୁ, ଆମେ ଏଜିସିଓ ସହ ଥିବା ଆମର ଦୀର୍ଘ ସହଭାଗିତାକୁ ସ୍ୱୀକୃତି ଓ ସମ୍ମାନ ଜଣାଉଛୁ ଏବଂ ଏକ ନିୟୋଜିତ ଅଂଶଧାରକ ଭାବେ ଏଜିସିଓକୁ ଆମର ସମର୍ଥନ ବଜାୟ ରଖିବୁ । ଟାଫେ ଓ ମାସି ଫର୍ଗୁସନ ନିଜର ଅଭିନବ ଉତ୍ପାଦ,ସମାଧାନ ଓ ସେବା ମାଧ୍ୟମରେ ଭାରତୀୟ କୃଷି କ୍ଷେତ୍ରର ରୂପାନ୍ତରଣ ପ୍ରତି ପ୍ରତିବଦ୍ଧ ରହିଛି ।"

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray